# ପିଲାମାନଙ୍କ ପାଇଁ ବାଇବଲ
## ଉପହାର

# ଅବ୍ରାହାମ୍ଙ୍କୁ ଈଶ୍ୱରଙ୍କ ପ୍ରତିଜ୍ଞା



ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: M. Maillot; Tammy S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଜଳପ୍ଲାବନର ଅନେକ ସମୟ
ପରେ, ଜଗତର ଲୋକମାନେ
ଏକ ଯୋଜନା କଲେ ।



ଆମ୍ଭେମାନେ ଏକ ବୃହତ୍ ସହର ନାର୍ମାଣ
କରିବା ଯାହାର ଶୃଙ୍ଗ ସ୍ୱର୍ଗକୁ ପହଞ୍ଚିବ,
ସେମାନେ କହଲେ । ଆସ ଆମ୍ଭେ ସର୍ବଦା
ସଙ୍ଗରେ ବାସ କରିବା । ସମସ୍ତେ ଏକା
ପ୍ରକାରେ
କହିଲେ ।

ପରମେଶ୍ୱରଙ୍କ ଇଚ୍ଛା ଥିଲା ଯେ ଲୋକମାନେ ତାହାଙ୍କ ସୃଷ୍ଟି ସାରା ଜଗତେରେ ବ୍ୟାପିଯାଆନ୍ତୁ, ତେଣୁ ସେ କିଛି ଉଲ୍ଲାଜନକ କଲେ । ଅଚ଼ାନକ୍ ଭାବରେ, କିଛି ଲୋକ ଅଲଗା ଭାବରେ କହିବାକୁ ଲାଗିଲେ । ପରମେଶ୍ୱର ସେମାନଙ୍କୁ ଏକ ନୂତନ ଭାଷା ପ୍ରଦାନ କଲେ ।



ଯେଉଁମାନେ ଗୋଟିଏ ପ୍ରକାରର ଭାଷା କହିଲେ ସମସ୍ତେ ମିଶି ଅଲଗା ହୋଇ ପଳାୟନ କଲେ । ହୋଇପାରେ ଲୋକମାନେ ଅନ୍ୟକୁ ଭୟ କରିବାକୁ ଲାଗିଲେ



ଯେହେତୁ ସେମାନେ ସେମାନଙ୍କ ଭାଷା ବୁଝି ପରିଲେ ନାହିଁ ।

ଏହିପ୍ରକାରେ, ପରମେଶ୍ୱର ଲୋକମାନଙ୍କୁ ଅନ୍ୟ ଦେଶ ମାନଙ୍କରେ ବାସ କରାଇଲେ । ଯେଉଁ ସହରକୁ ସେମାନେ ପରିତ୍ୟଗ କଲେ ତାହାର ନାମ ବାବେଲ୍



କୁହାଯାଏ । ଯାହାର ଅର୍ଥ ବଣା ।

ଅନେକ ବର୍ଷ ପରେ, ଏକ କଲ୍‌ଦିଅ ମାନଙ୍କ ଉର୍ ନାମକ ସ୍ଥାନରେ,

ପରମେଶ୍ୱର ଅବ୍ରାମ୍ ନାମକ

ଲୋକ ସହିତ କଥା କହଲେ ।

ଏହି ସ୍ଥାନକୁ ପରିତ୍ୟାଗ

କର, ପପରମେଶ୍ୱର ଆଜ୍ଞା

ଦେଲେ । ଆମ୍ଭେ ଯେଉଁ

ସ୍ଥାନ ଦେଖାଇବା

ସେହି ସ୍ଥାନକୁ

ପ୍ରସ୍ଥାନ କର ।



ଅବ୍ରାମ୍ ବାଧ୍ୟ ହେଲେ । ପରମେଶ୍ୱର ଚାଳନାରେ ତାହଙ୍କୁ କାନାନ୍ ନାମକ ଦେଶକୁ ନେଇଗଲେ । ତାଙ୍କ ପତ୍ନୀ ସାରାଇ ଓ ଭାତୃପୁତ୍ର ଲୋଟ ମଧ୍ୟ ତାଙ୍କ ସଂଗରେ ଗଲେ ।



କାନାନ୍ ଦେଶରେ, ଅବ୍ରାମ୍ ଓ ଲୋଟ ଦୁହେଁ ଧନୀ ହୋଇଗଲେ, ତାଙ୍କର ଅନେକ ପଶୁ ଥିଲେ ।
ସେହି ସ୍ଥାନରେ ଅନେକ ପଶୁ ମାନଙ୍କ ନିମନ୍ତେ ଖାଦ୍ୟ ନଥିଲା ।



ଲୋଟଙ୍କର ଚାକରମାନେ ଅବ୍ରାମଙ୍କ ଚାକର ମାନଙ୍କ ସହିତ ଝଗଡ଼ା କଲେ । ଝଗଡ଼ା କରିବା ଅନାବଶ୍ୟକ ଅବ୍ରାମ୍ ଲୋଟଙ୍କୁ କହିଲେ । ଆମ୍ଭେମାନେ ଅଲଗା ହୋଇଯିବା, ଲୋଟ, ତୁମ୍ଭେ ପ୍ରଥମେ ନିଜ ଇଛାରେ ସ୍ଥାନ ପସନ୍ଦ କରି ନେଇଯାଅ ।





ଲୋଟ କୋମଳ ଘାସ ଓ ଅତି ସୁନ୍ଦର ସମତଳ ସହର ଓ ଗ୍ରାମ୍ୟ ଥିବା ସ୍ଥାନକୁ ପସନ୍ଦ କଲେ । ଏହା ଦେଖିବାକୁ ସୁନ୍ଦର ଥିଲା । କିନ୍ତୁ ସହରଗୁଡ଼ିକ ପାପରେ ପରିପୂର୍ଣ୍ଣ ଥିଲେ ।



ଲୋଟଙ୍କ ଯିବା ପରେ, ପୁଣିଥରେ ପରମେଶ୍ୱର ଅବ୍ରାମଙ୍କୁ କଥା କହିଲେ । ମୁ କାନାନ୍ ର ସମସ୍ତ ସ୍ଥାନ ତୁମ୍ଭକୁ ଓ ତୁମ୍ଭ ପୁତ୍ରଗଣଙ୍କୁ ସଦାକାଳ ନିମନ୍ତେ ପ୍ରଦାନ କରିଅଛୁ ।



ଅବ୍ରାମ ଏବଂ ସାରାଇଙ୍କର କୌଣସି ପୁତ୍ର
ସନ୍ତାନ ନଥିଲା । ତେବେ କିପରି ଭାବରେ
ଇଶ୍ୱର ନିଜର ପ୍ରତିଜ୍ଞା ରକ୍ଷା କରିପାରିବେ ।



ପରମେଶ୍ୱରଙ୍କଠାରୁ ତିନିଜଣ ବ୍ୟକ୍ତି ଅବ୍ରାମ୍ ଓ ସାରାଇଙ୍କ ନିକଟକୁ ଆସିଲେ । ଅତି ଶିଘ୍ର ତୁମ୍ଭେମାନେ ଗୋଟିଏ ସନ୍ତାନ ପାଇବ, ସେମାନେ କହିଲେ । ସାରାଇ ହସିଲେ, ସେ ପରମେଶ୍ୱରଙ୍କ ବାକ୍ୟକୁ ...



... ବିଶ୍ୱାସ କଲେ ନାହିଁ । ତାହାଙ୍କର ବୟସ ନବେବର୍ଷ ଥିଲା ।

ପରମେଶ୍ୱର ମଧ୍ୟ ଅବ୍ରାମଙ୍କ ନାମ ଅବାହାମ୍ ଦେଲେ । (ଜାତିର ପିତା) ଓ ସାରାଇ ଙ୍କର ନାମା ସାରା ଅର୍ଥାତ୍ ରାଜକୁମାକରି ।



ପରମେଶ୍ୱର ଅବ୍ରାହାମ୍ଙ୍କୁ
ମଧ୍ୟ କହିଲେ ଯେ ସେ ଦୁଇ
ସହର ଯାହା ଦୁଃଷ୍ଟତାରେ ପରିପୂର୍ଣ୍ଣ
ସଦମ ଓ ଗମରାକୁ ଧ୍ୱଂଶ କରିବାକୁ
ଯାଉଛନ୍ତି । ସଦମ ସହରରେ
ଅବ୍ରାହାମ୍ଙ୍କ
ଭାତୃପୁତ୍ର
ନିଜ ପରିବାର ସହ ସେଠାରେ
ବାସ କରୁଥିଲେ ।

ଲୋଟ ପରମେଶ୍ୱରଙ୍କ ଚେତାବନି ଆସିବାରୁ ତାହା ଉପରେ ବିଶ୍ୱାସ କଲେ । କିନ୍ତୁ ତାଙ୍କର ପୁତ୍ରି ଓ ସେମାଙ୍କର ସ୍ୱାମିମାନେ ସଦମ ସହର ପରିତ୍ୟାଗ କରିବାକୁ ମନା କଲେ । କି ଭୟଙ୍କର ସେମାନେ ପରମେଶ୍ୱରଙ୍କ ବାକ୍ୟ ଉପରେ ବିଶ୍ୱାସ କଲେ ନାହିଁ ।





କେବଳ ଲୋଟ ଓ ତାଙ୍କର ଦୁଇ ଝିଅ
ନିରାପଦ ସ୍ଥାନକୁ ପ୍ରସ୍ଥାନ କରିପରିଲେ ।
ଅଗ୍ନି ଓ ଗନ୍ଧକ ସେହି ଦୁଇ ଦୁଃଷ୍ଟତା ସହର
ଉପରେ ପଡ଼ିଲା ।

ଦୁଃଖରକଥା ଯେ ଲୋଟଙ୍କର ପତ୍ନୀ ପରମେଶ୍ୱରଙ୍କ ବାକ୍ୟକୁ ଅମାନ୍ୟ କରି ଦୌଡ଼ିବା ସମୟରେ ପଛକୁ ଚାହିଁଲା । ସଂଗେ ସଂଗେ ସେ ଲବଣ ସ୍ତମ୍ଭ ପଲଟି ଗଲା ।



ପରମେଶ୍ୱର ଅବ୍ରହାମ୍ ଓ ସାରାଙ୍କୁ ଦେଇଥିବା ନିଜର ପ୍ରତିଜ୍ଞାକୁ ରକ୍ଷା କଲେ । ସେମାନେ ନିଜର ବୃଦ୍ଧାବସ୍ଥାରେ ସନ୍ତାନ ପ୍ରାପ୍ତ ହେଲେ, ଯେପରି ଭାବରେ ପରମେଶ୍ୱର କହିଥିଲେ । ସେମାନେ କିପରି ଭାବରେ ଆନନ୍ଦ କଲେ ଯେତେବେଳେ ଇସ୍‌ହାକ ଜନ୍ମ ଗ୍ରହଣ କଲେ ।




ହୋଇପାରେ ଅବ୍ରାହାମ୍
ମଧ୍ୟ ସେହି ଇଶ୍ୱରଙ୍କ ପତିଜ୍ଞା
ଉପରେ ଚ଼ିନ୍ତା କଲେ, ଯାହା
ସଦାପ୍ରଭୁ ତାଙ୍କୁ ଓ ତାଙ୍କ
ସନ୍ତାନ ଗଣଙ୍କୁ
ସେହି
କିଣାନ୍
ଦେଶ
ସଦାସର୍ବଦା ନିମନ୍ତେ ...



... ସେମାନଙ୍କୁ
ଦେବାକୁ ସ୍ଥିର କଲେ ।
ପରମେଶ୍ୱର ସେହି ପ୍ରତିଜ୍ଞା
ମଧ୍ୟ ରଖିପାରିବେ ।
ପରମେଶ୍ୱର

ସର୍ବଦା
ଆପଣା
ପ୍ରତିଜ୍ଞା
ରକ୍ଷାକାରି ଅଟନ୍ତି ।

# ଅବ୍ରାହାମ୍ଙ୍କୁ ଇଶ୍ୱରଙ୍କ ପ୍ରତିଜ୍ଞା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୧୧-୨୧

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଇଶ୍ୱର ଚ଼ାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ
ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଇଶ୍ୱର ତୁମ୍ଭକୁ ଏତେ଼ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬